# NATIONAL NEWS BULLETIN (ODIA)
## 17th November - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସୁବାସ ଚନ୍ଦ୍ର ଶତପଥୀ**

## ମୁଖ୍ୟ ସମ୍ବାଦ

- ବିହାରରେ ନୂତନ ସରକାର ଗଠନ ନେଇ ଆସନ୍ତାକାଲି ବସିବ ଏନ୍.ଡି.ଏ. ନବ ନିର୍ବାଚିତ ବିଧାୟକ ଦଳ ବୈଠକ ।
- ଆଗାମୀ ୨୦୨୬-୩୧ ବର୍ଷପାଇଁ ରାଷ୍ଟ୍ରପତିଙ୍କ ନିକଟରେ ରିପୋର୍ଟ ଉପସ୍ଥାପନ କଲେ ଷୋଡ଼ଶ ଅର୍ଥ କମିଶନ୍ ।
- ଉତ୍ତରାଞ୍ଚଳ ଜୋନାଲ୍ ପରିଷଦର ୩୨ତମ ବୈଠକ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ।
- ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ କୋର୍ଟଙ୍କ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ମୃତ୍ୟୁ ଦଣ୍ଡାଦେଶ ।

ଏବଂ

- ମୋଟ୍ ୧୩ଟି ପଦକ ସହ ତାଲିକାର ତୃତୀୟ ସ୍ଥାନରେ ରହି ଆଇ.ଏସ୍.ଏସ୍.ଏଫ୍. ବିଶ୍ୱ ସୁଟିଂ ଚାମ୍ପିୟାନ୍‌ସିପ ଅଭିଯାନ ଶେଷ କଲା ଭାରତ ।

## ବିହାର - ନୀତିଶ କ୍ୟାବିନେଟ୍

ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ଆଜି ପୂର୍ବର ଏନ୍‌ଡିଏ ସରକାର ଭଙ୍ଗ କରିବା ଲାଗି ସୁପାରିଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚଳିତ ସରକାରଙ୍କ କ୍ୟାବିନେଟ୍‌ର ଶେଷ ବୈଠକରେ ସରକାର ଭଙ୍ଗ ସଂକ୍ରାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ କୁମାର ରାଜଭବନ ଯାଇ ରାଜ୍ୟପାଳ ଅରିଫ ମହମ୍ମଦ ଖାନ୍‌ଙ୍କୁ କ୍ୟାବିନେଟ୍ ଭଙ୍ଗ ସମ୍ପର୍କିତ ନିଷ୍ପତ୍ତି ପତ୍ର ହସ୍ତାନ୍ତର କରିଛନ୍ତି ।

ଅନ୍ୟପକ୍ଷରେ ନୂତନ ସରକାର ଗଠନ ନେଇ ଏନ୍.ଡି.ଏ.ର ସହଯୋଗୀ ଦଳଗୁଡ଼ିକର ବିଧାୟକ୍ ଦଳ ବୈଠକରେ ବ୍ୟାପକ ଆଲୋଚନା ହୋଇଥିବା ଜଣାପଡ଼ିଛି । ଆସନ୍ତା ୨୦ ତାରିଖରେ ପାଟ୍‌ନାର ଐତିହାସିକ ଗାନ୍ଧି ମଇଦାନଠାରେ ନୂଆ ସରକାରଙ୍କ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବା ନେଇ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି । ଏନ୍.ଡି.ଏ.ର ଆସନ୍ତାକାଲି ଅନୁଷ୍ଠିତ

ହେବାକୁ ଥିବା ବିଧାୟକ ଦଳ ବୈଠକରେ ନେତାଭାବେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନାମ ଘୋଷଣା ହେବାର ଆଶା କରାଯାଉଛି ।

## ପ୍ରେଜ୍ - ଫାଇନାନ୍ସ କମିଶନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଜି ନୂଆଦିଲ୍ଲୀରେ ଡକ୍ଟର ଅରବିନ୍ଦ ପାନଗାରିୟାଙ୍କ ଅଧ୍ୟକ୍ଷତାରେ ଗଠିତ ଷୋଡ଼ଶ ଅର୍ଥ କମିଶନ ସାକ୍ଷାତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଅର୍ଥ କମିଶନ୍ ଆଗାମୀ ୨୦୨୬-୩୧ ବର୍ଷପାଇଁ ତାଙ୍କର ରିପୋର୍ଟ ବୈଠକ ଅବସରରେ ଉପସ୍ଥାପନ କରିଛନ୍ତି ।

## ଶାହା ମିଟିଂ

ଉତ୍ତରାଞ୍ଚଳ ଜୋନାଲ ପରିଷଦର ୩୨ତମ ବୈଠକ ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ହରିୟାଣାର ଫରିଦାବାଦରେ ଅନୁଷ୍ଠିତ ବୈଠକରେ ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନେତୃବୃନ୍ଦ ଯୋଗଦେଇଥିଲେ । ସେଗୁଡ଼ିକ ହେଉଛି - ପଞ୍ଜାବ, ରାଜସ୍ଥାନ,

ହରିୟାଣା, ହିମାଚଳ ପ୍ରଦେଶ, ଦିଲ୍ଲୀ, ଜମ୍ମୁ କାଶ୍ମୀର, ଲଦାଖ ଏବଂ ଚଣ୍ଡିଗଡ଼ । ବୈଠକରେ ଦିଲ୍ଲୀ ଲାଲ୍‌କିଲ୍ଲା ବିସ୍ଫୋରଣର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସଦସ୍ୟ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ସମନ୍ୱୟ, ଜଳ ବଣ୍ଟନ ଏବଂ ବିକାଶ କାର୍ଯ୍ୟ ସମେତ ବିଭିନ୍ନ ଆଞ୍ଚଳିକ ତଥା ଜାତୀୟ ଗୁରୁତ୍ୱ ବହନ କରୁଥିବା ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ହୋଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟିମ୍ ଭାରତ ଦୃଷ୍ଟିକୋଣ ସହ କ୍ଷେତ୍ରୀୟ ପରିଷଦ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି । ସଶକ୍ତ ରାଜ୍ୟ ଏକ ଦୃଢ଼ ରାଷ୍ଟ୍ର ଗଠନର ଲକ୍ଷ୍ୟ ରଖାଯାଇ କ୍ଷେତ୍ରୀୟ କାଉନ୍‌ସିଲ ପରିଷଦ ବୈଠକ ଅନୁଷ୍ଠିତ ହେଉଛି ।  ଗତ ୧୧ ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରୀୟ ପରିଷଦ ଏବଂ ସେଗୁଡ଼ିକର ସ୍ଥାୟୀ କମିଟିଗୁଡ଼ିକର ମୋଟ୍ ୬୩ଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।

## ନଡ୍ଡା - ନରୱେ ମିନିଷ୍ଟର

ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ନୂଆଦିଲ୍ଲୀରେ ଆଜି ତାଙ୍କର ନରୱେ ପ୍ରତିପକ୍ଷ ଜାନ୍ ଖ୍ରିଷ୍ଟିଆନ ଭେସ୍ତ୍ରେଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ନଡ୍ଡା

କହିଛନ୍ତି, ସ୍ୱାସ୍ଥ୍ୟ ଏବଂ ଔଷଧ ତଥା ଅନ୍ୟାନ୍ୟ କେତେକ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ବୈଠକରେ ଆଲୋଚନା ହେବା ସହ କେତୋଟି ବୁଝାମଣା ପତ୍ର ସ୍ୱାକ୍ଷର ନେଇ ସହମତି ପ୍ରକାଶ ପାଇଛି । ଡିଜିଟାଲ୍ ସ୍ୱାସ୍ଥ୍ୟ, ମାନବ ସମ୍ବଳ ବିକାଶ, ମାତୃ ଓ ଶିଶୁ ପୁଷ୍ଟିସାର ଏବଂ ରୋଗ ଆଧାରିତ ଗବେଷଣା ଉପରେ ପ୍ରାଥମିକତା ପ୍ରଦାନ କରାଯାଇ ଦୁଇ ପକ୍ଷଙ୍କ ମଧ୍ୟରେ ମତ ବିନିମୟ ହୋଇଥିବା ଶ୍ରୀ ନଡ୍ଡା କହିଛନ୍ତି ।

## ଅଶ୍ୱିନୀ - ଇ.ସି.ଏମ୍.ଏସ୍.

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀରେ ଆଜି ଇଲେକ୍ଟ୍ରୋନିକ୍ସସ ଉପକରଣ ପ୍ରସ୍ତୁତି ଯୋଜନା - ଇ.ସି.ଏମ୍.ଏସ୍.ର ଦ୍ୱିତୀୟ ପର୍ଯ୍ୟାୟ ଘୋଷଣା କରାଯାଇଛି । ୭ ହଜାର କୋଟିରୁ ଅଧିକ ମୂଲ୍ୟର ୧୭ଟି ଆବେଦନ ପତ୍ରକୁ ଏହି ପର୍ଯ୍ୟାୟ ଅଧୀନରେ ଅନୁମୋଦନ କରାଯାଇଛି । ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କମ୍ପାନୀଗୁଡ଼ିକର ପ୍ରତିନିଧିଙ୍କୁ ଆଜି ଅନୁମତି ପତ୍ର ପ୍ରଦାନ କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ୧୭ଟି ପ୍ରକଳ୍ପ ମାଧ୍ୟମରେ ୬୦ ହଜାର କୋଟି ଟଙ୍କାର ଉତ୍ପାଦ ସହିତ ୧୧ ହଜାରରୁ ଅଧିକ ନିଯୁକ୍ତି କ୍ଷେତ୍ର ସୃଷ୍ଟି ହେବ ।

# ବାଂଲାଦେଶ - ଶେଖ ହାସିନା

ବାଂଲାଦେଶର ଅନ୍ତର୍ଜାତୀୟ ପ୍ରଥମ ଅପରାଧ ଟ୍ରିବ୍ୟୁନାଲ୍ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା ଏବଂ ପୂର୍ବତନ ଗୃହମନ୍ତ୍ରୀ ଅସଦୁଜ୍ଜମାନ ଖାଁ କମଲଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛି । ମାନବତା ବିରୋଧୀ ଅପରାଧ ଆଧାରରେ ଟ୍ରିବ୍ୟୁନାଲ୍ ଏହି ରାୟ ପ୍ରଦାନ କରିଛନ୍ତି । ଢାକାରେ କଡ଼ା ସୁରକ୍ଷା ମଧ୍ୟରେ ଆଜି ବିଚାରପତି ମହମ୍ମଦ ଗୋଲାମ୍ ମୋର୍ତୁଜା ମଜୁମ୍‌ଦାରଙ୍କ ନେତୃତ୍ୱରେ ତିନିଜଣିଆ ସଦସ୍ୟ ବିଶିଷ୍ଟ ଖଣ୍ଡପୀଠ ଏହି ନିଷ୍ପତ୍ତି ପ୍ରଦାନ କରିଛନ୍ତି । ଖଣ୍ଡପୀଠ ୪୫୩ ପୃଷ୍ଠାର ରାୟ ପ୍ରଦାନ କରି କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା ଗତବର୍ଷ ଜୁଲାଇ-ଅଗଷ୍ଟ ବିଦ୍ରୋହ ସମୟରେ ପ୍ରତିବାଦକାରୀ ଛାତ୍ରଙ୍କ ବିରୋଧରେ ଚରମ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେବା ପରିପ୍ରେକ୍ଷୀରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଏପରିକି ପ୍ରତିବାଦକାରୀଙ୍କ ବିରୋଧରେ ଅପରାଧିକ ଷଡ଼ଯନ୍ତ୍ର ଏବଂ ବିଦ୍ରୋହାତ୍ମକ ପଦକ୍ଷେପକୁ ପ୍ରତିହତ କରିବାରେ ବିଫଳତା ନେଇ ମଧ୍ୟ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ପୂର୍ବତନ ପୁଲିସ୍ ମୁଖ୍ୟ ଚୌଧୁ ଅବଦୁଲ୍ଲା ଅଲ୍ ମାମୁନ ବିଚାର ପ୍ରକ୍ରିୟା ସମୟରେ ରାଜସାକ୍ଷୀ ହୋଇଥିଲେ । ତାଙ୍କୁ ୫ ବର୍ଷ କାରାଦଣ୍ଡାଦେଶ ହୋଇଛି । ଏହି ରାୟକୁ ନିର୍ବାସିତ ଜୀବନ ବିତାଉଥିବା ୭୮ ବର୍ଷ ବୟସ୍କା ପୂର୍ବତନ ପ୍ରଧାନମନ୍ତ୍ରୀ ହାସିନା ନିନ୍ଦା କରିଛନ୍ତି । ଏହାକୁ ରାଜନୈତିକ

ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଅଭିହିତ କରିବା ସହ ସେ କହିଛନ୍ତି, ଗଣତାନ୍ତ୍ରିକ ଜନାଦେଶ ବିନା କାର୍ଯ୍ୟ କରୁଥିବା ସରକାରଙ୍କଦ୍ୱାରା ପ୍ରେରିତ ଏଭଳି ନିଷ୍ପତ୍ତି ଅର୍ଥହୀନ । ଏହାକୁ ପୂର୍ବ ନିର୍ଦ୍ଧାରିତ ଥିଲା ବୋଲି ସେ କହିଛନ୍ତି ।

## ପି.ଆଇ.ବି. - ଫ୍ୟାକ୍ଟ ଚେକ୍

ସେନାମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଭାରତୀୟ ସେନା ବିରୋଧରେ ଦେଇଥିବା ମନ୍ତବ୍ୟ ଅସତ୍ୟ ବୋଲି ସରକାର ସ୍ପଷ୍ଟ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଜେନେରାଲ୍ ଦ୍ୱିବେଦୀଙ୍କ ଭିଡ଼ିଓ ବାର୍ତ୍ତାକୁ ସରକାର ଖଣ୍ଡନ କରିବା ସହ କହିଛନ୍ତି, ଏହା କୃତ୍ରିମ ବୁଦ୍ଧିମତ୍ତା ଆଧାର ପ୍ରସ୍ତୁତ କରାଯାଇଛି । ପତ୍ର ସୂଚନା କାର୍ଯ୍ୟାଳୟ ତଥ୍ୟ ଅନୁସନ୍ଧାନ ୟୁନିଟି ସ୍ପଷ୍ଟ କରିଛି, ଲୋକଙ୍କୁ ଭ୍ରମିତ କରିବାପାଇଁ ଏଭଳି ଭିଡ଼ିଓ ବାର୍ତ୍ତା ପ୍ରସ୍ତୁତ କରାଯାଇଛି । ସେନାମୁଖ୍ୟ ଏପରି କୌଣସି ବୟାନ ଦେଇ ନାହାନ୍ତି କିମ୍ବା ଭିଡ଼ିଓ ଥିବା ସରକାରଙ୍କ ନିର୍ଦ୍ଦେଶ ସମ୍ପର୍କିତ ତଥ୍ୟ ମିଥ୍ୟା ବୋଲି ଅନୁସନ୍ଧାନ ୟୁନିଟି କହିଛି । ସୂଚନାଯୋଗ୍ୟ, ଏହି ଭିଡ଼ିଓ ବାର୍ତ୍ତାରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଅଣହିନ୍ଦୁ ସୈନିକଙ୍କୁ ସେନାରୁ ବାହାର କରାଯିବା ନେଇ ଜେନେରାଲ ଦ୍ୱିବେଦୀଙ୍କ ବାର୍ତ୍ତା ପ୍ରସାରଣ କରାଯାଇଛି । ଏଭଳି ମିଥ୍ୟା ବାର୍ତ୍ତା ପ୍ରତି ସତର୍କ ରହିବାକୁ ସରକାର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଦେଶବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣପତ୍ର ଅଭିଯାନ ୪.୦** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ପେନ୍‌ସନ ଏବଂ ପେନ୍‌ସନଭୋଗୀ କଲ୍ୟାଣ ବିଭାଗର ଯୁଗ୍ମସଚିବ ଧ୍ରୁବଜ୍ୟୋତି ସେନ୍‌ଗୁପ୍ତ, ଏସ୍‌ବିଆଇର ସିଜିଏମ୍ ଅମ୍ରିତ ସେନ ମୋହନ ଏବଂ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କର ସିଜିଏମ୍ ଗୁରୁଶରଣ ବଂଶଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୭୧୭୧୧୭, ୨୩୩୧୪୪୪୪, ୨୩୩୧୦୪୮୧ ଏବଂ ୨୩୭୧୭୧୦୬ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ମାଣ୍ଡଭିୟ ଇ.ପି.ଏଫ୍.ଓ. ପାଭିଲିୟନ୍

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ - ଇ.ପି.ଏଫ୍.ଓ. ଦୀର୍ଘଦିନ ଧରି ଦେଶବ୍ୟାପୀ ଶ୍ରମିକଙ୍କ ଆର୍ଥିକ ସୁରକ୍ଷାର ଏକ ସ୍ତମ୍ଭ ଭାବେ କାର୍ଯ୍ୟ କରୁଛି

ବୋଲି ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭିୟ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ଇ.ପି.ଏଫ୍.ଓ. ପାଭିଲିୟନ୍‌କୁ ଉଦ୍‌ଘାଟନ କରିବା ଅବସରରେ ଡକ୍ଟର ମାଣ୍ଡଭିୟ' ଦେଶର ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ୍ କରିବାରେ ଇ.ପି.ଏଫ୍.ଓ.ର ଭୂମିକା ଉପରେ ଆଲୋକପାତ କରିଛନ୍ତି । ଇ.ପି.ଏଫ୍.ଓ. ପାଭିଲିୟନ୍‌କୁ ପରିଦର୍ଶନ କରିବାପାଇଁ ଯୁବବର୍ଗଙ୍କୁ ଡକ୍ଟର ମାଣ୍ଡଭିୟ ଆହ୍ୱାନ କରିଛନ୍ତି ।

## ଆଇ.ଆଇ.ଟି.ଏଫ୍. - ମାଞ୍ଝି

ଭାରତର ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ବିଶ୍ୱର ସର୍ବବୃହତ୍ ନେଟ୍‌ୱର୍କ ମଧ୍ୟରେ ସ୍ଥାନିତ ହୋଇଛି ବୋଲି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ଏମ୍.ଏସ୍.ଏମ୍.ଇ. ମନ୍ତ୍ରୀ ଜିତନ ରାମ ମାଞ୍ଝି କହିଛନ୍ତି । ନୂଆଦିଲ୍ଲୀରେ ଆଜି ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଏମ୍.ଏସ୍.ଏମ୍.ଇ. ପାଭିଲିୟନ୍‌କୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ମାଞ୍ଝି କହିଛନ୍ତି, ଏମ୍.ଏସ୍.ଏମ୍.ଇ. ନେଟ୍‌ୱର୍କ ମାଧ୍ୟମରେ ଦେଶବ୍ୟାପୀ ୭ କୋଟିରୁ ଅଧିକ ୟୁନିଟି କାର୍ଯ୍ୟକ୍ଷମ ହୋଇଛି । ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ମାଞ୍ଝି କହିଛନ୍ତି, ଦେଶର ଏମ୍.ଏସ୍.ଏମ୍.ଇ. ନେଟ୍‌ୱର୍କ ଦେଶରେ ୩୦ କୋଟିରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ଆଗାମୀ ୫ ବର୍ଷ ମଧ୍ୟରେ ସରକାର

ପ୍ରାୟ ୬୦ କୋଟି ନିଯୁକ୍ତି କ୍ଷେତ୍ର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ମାଝି କହିଛନ୍ତି । ଅନ୍ତର୍ଜାତୀୟ ବାଣିଜ୍ୟ ମେଳା' ଆତ୍ମନିର୍ଭର ଏବଂ ବିକଶିତ ଭାରତ ଦୃଷ୍ଟିକୋଣ ପାଇଁ ଏକ ମଞ୍ଚ ପ୍ରଦାନ କରୁଛି ବୋଲି ଶ୍ରୀ ମାଝି କହିଛନ୍ତି ।

## ଦୁବାଇ - ଏୟାର ଶୋ'

ଦୁବାଇର ୱାର୍ଲଡ୍ ସେଣ୍ଟ୍ରାଲ୍ଠାରେ ଆଜିଠାରୁ ୧୯ତମ ଦୁବାଇ ଏୟାର ଶୋ' ଆରମ୍ଭ ହେଉଛି । ଉପରାଷ୍ଟ୍ରପତି ତଥା ଦୁବାଇର ଶାସକ ଶେଖ ମହମ୍ମଦ ବିନ୍ ରସିଦ୍ ଅଲ୍ ମଖତୁମ୍'ଙ୍କ ପୃଷ୍ଠପୋଷକତାରେ ଆୟୋଜିତ ଏହି ଏୟାର ଶୋ'ରେ ୧୧୫ଟି ଦେଶର ଦେଢ଼ ହଜାରରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି । ଚଳିତ ବର୍ଷ ସଂସ୍କରଣରେ ୪୪୦ ଜଣ ଅଂଶଗ୍ରହଣକାରୀ ପ୍ରଥମ ଥରପାଇଁ ତାଲିମ୍ ହୋଇଥିବାବେଳେ ୨ ଶହରୁ ଅଧିକ ବିମାନ ପ୍ରଦର୍ଶନୀରେ ଭାଗ ନେଉଛନ୍ତି । ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଶେଠ୍ ନେଉଛନ୍ତି । ପ୍ରତିରକ୍ଷା ବିଭାଗ, ପ୍ରତିରକ୍ଷା ଉତ୍ପାଦନ ବିଭାଗ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ସଶସ୍ତ୍ର ବାହିନୀର ବରିଷ୍ଠ ଅଧିକାରୀ ଭାରତୀୟ ପ୍ରତିନିଧିମଣ୍ଡଳୀରେ ସାମିଲ୍ ହୋଇଛନ୍ତି । ଏୟାର

ଶୋ'ରେ ଭାରତ ପାଭିଲିୟନ୍ ସହିତ ୧୯ଟି ଭାରତୀୟ କମ୍ପାନୀ ସ୍ୱାଧୀନ ଭାବେ ପ୍ରଦର୍ଶନୀ ମଣ୍ଡପମାନ ଖୋଲିଛନ୍ତି ।

ଏହି ଶୋ' ପରିପ୍ରେକ୍ଷୀରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶେଠ୍ ତାଙ୍କର ୟୁ.ଏ.ଇ. ପ୍ରତିପକ୍ଷ ମହମ୍ମଦ ମୁବାରକ୍ ଅଲ୍ ମାଜୋରୋଇ'ଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଯୋଗ ଦେଇଛନ୍ତି । ପ୍ରତିରକ୍ଷା, ଗବେଷଣା, ବିକାଶ, ଉତ୍ପାଦନ ଆଦି କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ନେଇ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି ।

## ଆଇ.ଏସ୍.ଏସ୍.ଏଫ୍. - ସୁଟିଂ

ଇଜିପ୍ଟର କାଇରୋଠାରେ ଚାଲିଥିବା ଆଇ.ଏସ୍.ଏସ୍.ଏଫ୍. ବିଶ୍ୱ ସୁଟିଂ ଚାମ୍ପିୟନସିପ୍‌ରେ ଭାରତର ଅଲିମ୍ପିୟାନ୍ ଗୁରପ୍ରୀତ ସିଂହ ରୌପ୍ୟ ପଦକ ପାଇଛନ୍ତି । ୨୫ ମିଟର ପୁରୁଷ ବର୍ଗ ସେଣ୍ଟର ପିସ୍ତଲ ଫାୟାର ଇଭେଣ୍ଟରେ ଗୁରପ୍ରୀତ ଏହି ସଫଳତା ପାଇଛନ୍ତି । ଏହି ବର୍ଗରେ ୟୁକ୍ରେନ୍‌ର ପାଭ୍‌ଲୋ କୋରୋଷ୍ଟିଲୋଭ୍ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଭାରତ ୩ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ସହ ମୋଟ୍ ୧୩ଟି ପଦକ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହି ଏହି ବିଶ୍ୱ ଚାମ୍ପିୟନସିପ୍ ପ୍ରତିଯୋଗିତାରେ ଅଭିଯାନ ଶେଷ କରିଛି ।

*****